ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ

...

ସଂଖ୍ୟା- 25052 /ସା.ପ୍ର. ଭୁବନେଶ୍ୱର ତାରିଖ: 3.9.1993

ପ୍ରେରକ: ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ, ଆଇ.ଏ.ଏସ୍.,
ସ୍ୱତନ୍ତ୍ର ଶାସନ ସଚିବ ।

ପ୍ରାପ୍ତେଷୁ:
ସମସ୍ତ ବିଭାଗୀୟ ପ୍ରମୁଖ ଶାସନ ସଚିବ /
ଶାସନ ସଚିବ / ସମସ୍ତ ବିଭାଗୀୟ ମୁଖ୍ୟ /
ସମସ୍ତ ରାଜସ୍ୱ କମିଶନର / ସମସ୍ତ ଜିଲ୍ଲାପାଳ ।

ବିଷୟ: ସରକାରୀ କର୍ମଚାରୀଙ୍କ ବଦଳି ନୀତି ।

ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଅଛି ଯେ, ସରକାରୀ କର୍ମଚାରୀମାନଙ୍କର ବଦଳି ନୀତି ଏହି ବିଭାଗର ପତ୍ର ସଂଖ୍ୟା-10271 ତା-20-5-95 ରିଖ ଏବଂ ସଂଖ୍ୟା-16275 ତା-17-8-95 ରିଖରେ ସୂଚିତ କରାଯାଇଥିଲା । ଏହି ନୀତିରେ ସମୀକ୍ଷା କରି ସରକାର ବର୍ତ୍ତମାନ ନିର୍ଦ୍ଧାରଣ କରିଛନ୍ତି ଯେ ଯଦିଓ 'କ' ଓ 'ଖ' ବର୍ଗଭୁକ୍ତ କର୍ମଚାରୀଙ୍କ ସାଧାରଣତଃ ତିନି ବର୍ଷ ଏକ ସ୍ଥାନରେ ରଖିବା ଉଚିତ ହେବ ଏବଂ ସେହିଭଳି ସେମାନଙ୍କୁ ଉକ୍ତ ସ୍ଥାନରେ ପାଞ୍ଚ ବର୍ଷପରେ ସ୍ଥାନାନ୍ତରିତ କରିବା ଉଚିତ ହେବ । କେବଳ ପ୍ରଶାସନିକ କାରଣରୁ କିମ୍ବା ବିଶେଷ ବ୍ୟକ୍ତିଗତ ସମସ୍ୟା ହେତୁ ଏହାର ବ୍ୟତିକ୍ରମ ହୋଇ ପାରିବ କିନ୍ତୁ ଯଦି ଉପରୋକ୍ତ ବର୍ଗର କୌଣସି କର୍ମଚାରୀଙ୍କୁ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ବଦଳି କରିବାର କିମ୍ବା 5 ବର୍ଷରୁ ଅଧିକ ସମୟ ରଖିବାର ଆବଶ୍ୟକତା ଉପଲବ୍ଧି କରାଯାଏ ତେବେ ସମ୍ପୃକ୍ତ ପ୍ରଶାସନିକ ବିଭାଗ ସରକାରୀ ଆଦେଶ ଜାରି କରିବା ପୂର୍ବରୁ ଏଥିପାଇଁ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିଙ୍କର ପୂର୍ବାନୁମୋଦନ ନେବେ ।

ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ନିମ୍ନଲିଖିତ ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ ।

(କ) ମୁଖ୍ୟ ଶାସନ ସଚିବ — ଅଧ୍ୟକ୍ଷ

(ଖ) ଉନ୍ନୟନ କମିଶନର/
ଅତିରିକ୍ତ ମୁଖ୍ୟ ଶାସନ ସଚିବ /
କୃଷି ଉତ୍ପାଦନ କମିଶନର
(ସମ୍ପୃକ୍ତ ପ୍ରଶାସନିକ ବିଭାଗର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ) — ସଦସ୍ୟ

(ଗ) ବିଭାଗୀୟ ଶାସନ ସଚିବ — ସଦସ୍ୟ ତଥା ଆବାହକ

(ଅ.ପୃ.ଦ୍ର.)

ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ 5 ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବା ଅଧିକାରୀମାନଙ୍କୁ ବଦଳି କରିବା ସମୟରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅବସ୍ଥାପିତ କରିବା ପାଇଁ ଅଗ୍ରାଧିକାର ଦିଆଯିବ । ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ କ୍ରମାଗତ ଭାବେ 10 ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକରିଥିବା ଅଧିକାରୀମାନଙ୍କୁ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଅବସ୍ଥାପିତ କରାଯିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ।

ବଦଳି ହୋଇଥିବା ଅଧିକାରୀମାନେ ବଦଳି ଆଦେଶ ପାଇବାର 7(ସାତ) ଦିନ ମଧ୍ୟରେ ଭାରମୁକ୍ତ ହୋଇ ନୂତନ ପଦବୀ/ସ୍ଥାନରେ ଯୋଗଦାନ କରିବେ । ବଦଳି ଆଦେଶରେ କେଉଁ ଅଧିକାରୀ ପ୍ରଥମେ ଭାରମୁକ୍ତ ହୋଇ ତାଙ୍କ ନୂତନ ପଦବୀରେ ଯୋଗଦାନ କରିବେ ତାହା ଉଲ୍ଲେଖ ରହିବ । ବଦଳି ହୋଇଥିବା ଅଧିକାରୀଙ୍କ ସ୍ଥାନରେ ଯେଉଁ ଅଧିକାରୀ ଅବସ୍ଥାପିତ ହୋଇଥିବେ, ସେ ଯଦି 15 ଦିନ ମଧ୍ୟରେ ତାଙ୍କ ସ୍ଥାନରେ ଯୋଗ ନ ଦିଅନ୍ତି, ତେବେ ବଦଳି ହୋଇଥିବା ଅଧିକାରୀ 15 ଦିନ ପରେ ସ୍ୱତଃ ଭାରମୁକ୍ତ ହୋଇ ତାଙ୍କର ନୂତନ ପଦବୀ/ସ୍ଥାନରେ ଯୋଗଦାନ କରିବେ । ମାତ୍ର ଅବିଭକ୍ତ କୋରାପୁଟ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ବଦଳି ହୋଇଥିବା କୌଣସି ଅଧିକାରୀ ତାଙ୍କ ପ୍ରତିବଦଳରେ ଆସୁଥିବା ଅଧିକାରୀ ଯୋଗଦାନ ନ କରିବା ପର୍ଯ୍ୟନ୍ତ ଭାରମୁକ୍ତ ହୋଇପାରିବେ ନାହିଁ ।

ଏ ନିର୍ଦ୍ଦେଶନାମା କଡାକଡିଭାବରେ ପାଳନ କରାଯିବ ଏବଂ ଏହାର ଖିଲାପ ଏକ ଗୁରୁତର ତ୍ରୁଟି ହିସାବରେ ପରିଗଣିତ ହୋଇ ତଦନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆପଣଙ୍କ ବିଶ୍ୱସ୍ତ

ସ୍ୱତନ୍ତ୍ର ଶାସନ ସଚିବ